# ବିଦଗ୍ଧା ପ୍ରେମିକା

ବୟସର ମାପକାଠି ନୁହେଁ ଖାଲି
ବର୍ଷ ମାସ ଦିନ ଆଉ ଘଣ୍ଟା
ମୋ ବୟସ କେତେ ଗଲା କେତେ ବା ରହିଲା
ଦିନେ ହେଲେ ମାପିନାହିଁ ପକାଇ ମୁଁ ଫିତା ।

ପ୍ରଗଲ୍‌ଭା ପ୍ରେମିକା ମୋର
ଆଖି ଖୋଲି ହସେ ବାରବାର
ବୟସଟା ଯିବାକୁ ବସିଲା
ହୋଇନାହିଁ ଶ୍ରୀଗଣେଶ ପ୍ରଥମ ପ୍ରେମର ।

ତା' ତନୁର କୋମଳ ତ୍ୱଚାକୁ
ଏବେ ଆଉ ଇଚ୍ଛାନାହିଁ ଜମା ଦେଖିବାକୁ
ବୟସଟା ସେଥିପାଇଁ ହୋଇଲା ଭଗାରି
ସମୟ ସାରଣୀ ନେଇ କରିଲାଣି
କୁମାରୀକୁ ପ୍ରଗଲ୍‌ଭା କିଶୋରୀ ।

ପ୍ରେମିକା ମୋ ହୋଇଲାଣି ପ୍ରୌଢ଼ା
ଶୁଭ୍ରକେଶ ଲୋଡ଼ିଲାଣି କଳା
ମନେ ସେ ତ ଅନୁଢ଼ା କିଶୋରୀ
ମନ ତାର ଚାହିଁଲାଣି ରଙ୍ଗିବାକୁ
ପ୍ରେମିକର ଶ୍ୱେତ ଶୁଭ୍ର ଦାଢ଼ି ।

ମୋ ପ୍ରେମିକା ସଂଗୀତରେ ବିଦଗ୍ଧା ନାୟିକା
ନାଟକର ପ୍ରଥମ ଅଙ୍କରୁ ଶେଷ ଅଙ୍କ ଯାଏଁ
ସେ ତ କେବେ ହୁଏ ନାହିଁ ଥକ୍କା ।

ତା' ବୟସ ମାପିବାକୁ ଲୋଡ଼ାନାହିଁ
ବର୍ଷ, ମାସ, ଦିନ ଆଉ ଘଣ୍ଟା
ଆଉ ପୁଣି ଲମ୍ବା ଏକ ଫିତା ।

— ସେତ ମୋର ବିଦଗ୍ଧା ପ୍ରେମିକା
— ସେତ ମୋର ପ୍ରେମଦା ନାୟିକା ।